To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
S A K A L A

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ବିପ୍ଳବ ଦେବ ହେବେ ତ୍ରିପୁରାର ମୁଖ୍ୟମନ୍ତ୍ରୀ

R.N.I. No.-42041/83 Vol-15, Issue No.242, ଭଦ୍ରକ, ବୁଧବାର, ୭, ମାର୍ଚ୍ଚ ୨୦୧୮ ■ Bhadrak, Wednesday, 7 March 2018 Rs. 2.00 Pages-8

୩ ଏନ୍‌ଏସି ପାଇଁ ବାଜିଲା ବିଗୁଲ୍

ଏପ୍ରିଲ୍ ୩ରେ ନୂଆପଡା, ହିନ୍ଦୋଳ ଓ ଅତାବିରା ନିର୍ବାଚନ

- ମାର୍ଚ୍ଚ ୧୩ରୁ ନାମାଙ୍କନ
- ଏପ୍ରିଲ ୫ରେ ଗଣତି

ଭୁବନେଶ୍ୱର, ୬।୨ (ସକାଳ ଖବର): ଆସନ୍ତା ଏପ୍ରିଲ୍ ୩ ତାରିଖରେ ନୂଆପଡା , ହିନ୍ଦୋଳ ଓ ଅତାବିରା ଏନଏସିରେ ନିର୍ବାଚନ ଅନୁଷ୍ଠିତ ହେବା ଏଥିପାଇଁ ମାର୍ଚ୍ଚ ୧୩ ତାରିଖରୁ ମାର୍ଚ୍ଚ ୧୭ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ କରାଯାଇପାରିବା ଏପ୍ରିଲ ୫ ତାରିଖରେ ଭୋଟ୍ ଗଣତି ପରେ ଫଳାଫଳ ପ୍ରକାଶ ପାଇବ । ରାଜ୍ୟ ନିର୍ବାଚନ କମିଶନର ନବ କୁମାର ନାୟକ ମଙ୍ଗଳବାର ଦିନ ଏହି ଘୋଷଣା କରିଛନ୍ତି। ମଙ୍ଗଳବାର ଅପରାହ୍ନରେ ରାଜ୍ୟ ନିର୍ବାଚନ କମିଶନର ନୂଆପଡା , ହିନ୍ଦୋଳ ଓ ଅତାବିରା ବିଜ୍ଞାପିତ ଅଂଚଳ ପରିଷଦ (ଏନଏସି)ର ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି। ଚୂଡାନ୍ତ କାର୍ଯ୍ୟସୂଚୀ ଅନୁଯାୟୀ ଆସନ୍ତା ମାର୍ଚ୍ଚ ୯ ତାରିଖରେ ସ୍ଥାନୀୟ ବିଜ୍ଞାପିତ ଅଂଚଳ ପରିଷଦରେ ନିର୍ବାଚନ ଅଧିକାରୀ ନିର୍ବାଚନ ନେଇ ବିଜ୍ଞପ୍ତି ଜାରୀ କରିବେ । ମାର୍ଚ୍ଚ ୧୩ରୁ ମାର୍ଚ୍ଚ ୧୭ ମଧ୍ୟରେ ପ୍ରତ୍ୟେକ ଦିନ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ ନିର୍ବାଚନରେ ପ୍ରତିଦ୍ୱନ୍ଦିତା ଲାଗି ଇଚ୍ଛୁକ ପ୍ରାର୍ଥୀମାନେ ନିଜର ନାମାଙ୍କନପତ୍ର ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ। ମାର୍ଚ୍ଚ ୧୯ ତାରିଖ ପୂର୍ବାହ୍ନ ୧୧ଟାରୁ ନାମାଙ୍କପତ୍ର ଯାଂଚ ଓ ୨୦ ତାରିଖ ପୂର୍ବାହ୍ନ **(ପୃଷ୍ଠା-୭)**

ଦିଲ୍ଲୀ ଚଲୋ

- ବିଜେପି ବିରୁଦ୍ଧରେ ମମତାଙ୍କ ରଣହୁଙ୍କାର
- ତୃତୀୟ ସାମ୍ମୁଖ୍ୟ ଗଠନ ନେଇ ଚର୍ଚ୍ଚା ଜୋର୍
- ବିଜେଡିର ମାପଚୁପ୍ ମନ୍ତବ୍ୟ
- ମମତାଙ୍କ ଅସ୍ତିତ୍ୱରକ୍ଷାର କସରତ : ବିଜେପି

କୋଲକାତା, ୬।୨ : ପଶ୍ଚିମବଙ୍ଗ ଉପରେ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ସମିତ ଶାହଙ୍କ ନଜରକୁ ନେଇ ମମତା ବାନାର୍ଜୀ ଖପ୍ପା । ପୁରୁଲିଆରେ ଆୟୋଜିତ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବା ବେଳେ ବିଜେପି ଉପରେ ବର୍ଷିଛନ୍ତି ମମତା । ଏପରି କି ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଦିଲ୍ଲୀ ଚଲୋ ଡାକରା ଦେଇଛନ୍ତି । ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସ୍ଲୋଗାନକୁ ଦୋହରାଇ ମମତା କହିଛନ୍ତି, ପଶ୍ଚିମବଙ୍ଗ ବିଜେପି ଆଗରେ ମୁଣ୍ଡ ନୁଆଁଇବ ନାହିଁ । ମୋଦିଙ୍କ ବିରୋଧରେ ତୃତୀୟ ସାମ୍ମୁଖ୍ୟ ବା ଫେଡେରାଲ ଫ୍ରଣ୍ଟ ଗଠନ ଉପରେ ଗୁରୁତ୍ୱ ଦେଇଛନ୍ତି ମମତା । ଏନେଇ ସେ ତେଲୁଗ ଦେଶମ ପାର୍ଟି, ଟିଆରଏସର କେ ଚନ୍ଦ୍ର ଶେଖର ରାଓ, ଶିବସେନାର ଉଦ୍ଧବ ଥାକରେ, ଡିଏମ୍‌କେର ଷ୍ଟାଲିନଙ୍କ ସହ କଥା ହୋଇଛନ୍ତି । ଯଦିଓ ତେଲୁଗୁ ଦେଶମ ପାର୍ଟି ଏନ୍‌ଡିଏରେ ଅଛି, ତଥାପି ବଜେଟରେ ଆନ୍ଧ୍ରକୁ ଅଣଦେଖା ଓ ଅନୁଦାନ ପ୍ରସଙ୍ଗରେ କେନ୍ଦ୍ର ସରକାର ଉପରେ ଖପ୍ପା ଅଛନ୍ତି ଦଳର ନେତା । ଏପଟେ ଆନ୍ଧ୍ରକୁ ସ୍ୱତନ୍ତ୍ର ଅନୁଦାନ ଓ ଅନ୍ୟ ୧୯ ଟି ଦାବି ନେଇ ଓଡ଼ିଶାର ସାଂସଦଙ୍କ ସମର୍ଥନ ମଧ୍ୟ ମାଗିଛି ଟିଡିପି । ଶିବସେନା ମଧ୍ୟ ବିଜେପିଠାରୁ ସଂପର୍କ ତୁଟାଇଛି । ସିପିଆଇ ବି ତୃତୀୟ ସାମ୍ମୁଖ୍ୟ ସପକ୍ଷରେ ସମୀକରଣ କରୁଛି । ତେଣୁ ଏପରି ସ୍ଥିତିରେ ମୋଦି ବିରୋଧୀ ଆଞ୍ଚଳିକ ଦଳକୁ ଏକଜୁଟ କରିବା ପାଇଁ ମମତାଙ୍କ ଆହ୍ୱାନ ବେଶ ଗୁରୁତ୍ୱ ବହନ କରୁଛି । ମୋଦି ବିରୋଧୀ ଶକ୍ତିକୁ ସଂଜୀବନୀ ଦେବାକୁ ଚାହୁଁଥିବା ବିଜେଡି ପାଇଁ ବି ମମତାଙ୍କ ଆହ୍ୱାନ ଅନେକ ଗୁରୁତ୍ୱ ରଖୁଛି । କିନ୍ତୁ ତୃତୀୟ ସାମ୍ମୁଖ୍ୟ ସପକ୍ଷରେ **(ପୃଷ୍ଠା-୭)**

ଓଲଟିଲା ବରଯାତ୍ରୀ ଗାଡ଼ି,୩୦ ମୃତ

ଭାବାନଗର, ୬।୩ : ଗୁଜୁରାଟର ଭାବାନଗର ଜିଲ୍ଲାରେ ମଙ୍ଗଳବାର ସକାଳୁ ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଏଥିରେ ୩୦ ଜଣଙ୍କ ଜୀବନ ଯାଇଥିବାବେଳେ ୧୨ରୁ ଅଧିକ ଲୋକ ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାଯାଇଛି । ମଙ୍ଗଳବାର ସକାଳୁ ଏକ ବରଯାତ୍ରୀ ଦଳ ଟ୍ରକ ରେ ବସି ଭାବାନଗର-ରାଜକୋଟ ଜାତୀୟ ରାଜପଥରେ ଯାଉଥିବାବେଳେ ଟ୍ରକଟି ଉମରାଲା ନିକଟରେ ଏକ ନାଳକୁ ଖସି ପଡ଼ିଥିଲା । ଟ୍ରକଟିରେ ୬୦ ଜଣ ବରଯାତ୍ରୀ ଥିବାର ଜଣାପିଛି ଛ ମୃତାହତଙ୍କ ମଧ୍ୟରୁ ଅନେକ ଶିଶୁ ଓ ମହିଳା ଥିବା ପ୍ରାଥମିକ ରିପୋର୍ଟରୁ ଜଣାପିଛି ଛ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଖବର ପାଇ ତୁରନ୍ତ ଘଟଣାସ୍ଥଳକୁ ଯାଇଥିଲେ । ଉଦ୍ଧାର କାର୍ଯ୍ୟ ଠିକ୍ ସମୟରେ ଆରମ୍ଭ ହୋଇଥିବା କୁହାଯାଉଛି ଛ ବିବାହ କାର୍ଯ୍ୟରେ ଯୋଗ ଦେଇ ଫେରୁଥିବା ବେଳେ ଏଭଳି ଦୁର୍ଘଟଣା ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳାଇ ଦେଇଛି ।

ରଷ ସାମରିକ ବିମାନ ଦୁର୍ଘଟଣାଗ୍ରସ୍ତ, ୩୨ ମୃତ

ମସ୍କୋ, ୬।୩ : ରଷିଆର ଏକ ସାମରିକ ପରିବହନ ବିମାନ ସିରିଆର ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା ପ୍ରାୟ ୩୨ଜଣ ଯାତ୍ରୀ ପ୍ରାଣ ହରାଇଛନ୍ତି । ଏହି ଏଏନ-୨୬ ବିମାନଟି ସିରିଆର ଲାଟାକିଆ ରାଜ୍ୟରେ ଥିବା ରଷ ସେନାର ମେଇମିମ ବିମାନଘାଟୀ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ରଷର ସମ୍ବାଦସରବରାହ ସଂସ୍ଥା ସ୍ପୁଟନିକ କହିଛି । ମିଳିଥିବା ସୂଚନା ଅନୁସାରେ ଏହି ବିମାନଟି ଦୁର୍ଘଟଣାଗ୍ରସ୍ତ ହେବା ପଛରେ କୌଣସି ଆତଙ୍କବାଦୀ ସଂଗଠନର ହାତ ଥିବା ପ୍ରମାଣ ମିଳିନାହିଁ । ବିମାନଟି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଦୁର୍ଘଟଣାଗ୍ରସ୍ତ ହୋଇଥାଇପାରେ ବୋଲି ରଷ ସେନା ଅନୁମାନ କରୁଛି । ରଷ ପ୍ରତିରକ୍ଷା ମନ୍ତ୍ରାଳୟର ସୂଚନା ଅନୁସାରେ ବିମାନଟି ମଙ୍ଗଳବାରଦିନ ସ୍ଥାନୀୟ ସମୟ ଅପରାହ୍ନ ୩ଟାବେଳେ ମେଇମିମ ବିମାନଘାଟୀର ରନେଓ୍ୱକୁ ଫେରୁଥିବାବେଳେ ମାତ୍ର ୫୦୦ ମିଟର ଦୂରରେ ଦୁର୍ଘଟଣାଗ୍ରସ୍ତ ହୋଇ ଖସିପଡିଥିଲା । ଏଥିରେ ବିମାନରେ ସବାର ଥିବା ୩୨ ଜଣ ଯାତ୍ରୀ ମୃତ୍ୟୁବରଣ କରିଛନ୍ତି । ଗତ ଡିସେମ୍ବର ୨୦୧୬ରେ ରଷର ସେନାର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା ୯୨ ଜଣ ମୃତ୍ୟୁବରଣ କରିଥିଲେ ।

ଗୃହ ବ୍ୟାପାର ଷ୍ଟାଣ୍ଡିଂ କମିଟିରୁ

ବୈଜୟନ୍ତଙ୍କୁ ବାଦ୍ ଦେବାକୁ ଚିଠି

ଭୁବନେଶ୍ୱର,୬।୨ (ସକାଳ ଖବର): ସଂସଦୀୟ ଗୃହ ବ୍ୟାପାର ଷ୍ଟାଣ୍ଡିଂ କମିଟିରେ ସଦସ୍ୟ ଥିବା ବିଜେଡିରୁ ନିଲମ୍ବିତ ସାଂସଦ ବୈଜୟନ୍ତ ଜୟ ପଣ୍ଡାଙ୍କୁ ଏଥିରୁ ବାଦ୍ ଦେବାକୁ ଲୋକସଭା ବାଚସ୍ପତି ସୁମିତ୍ରା ମହାଜନଙ୍କୁ ବିଜେଡି ସଂସଦୀୟ ଦଳ (ଲୋକସଭା) ନେତା ଭର୍ତ୍ତୃହରି ମହତାବ ଓ ମୁଖ୍ୟ ସଚେତକ ତଥାଗତ ସତପଥୀ ଆଜି ପତ୍ର ଲେଖି ଜଣାଇଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ ୨୦୧୮ ଜାନୁଆରୀ ୨୪ ତାରିଖରୁ ସାଂସଦ ବୈଜୟନ୍ତଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ଦଳୀୟ ସଭାପତି ନବୀନ ପଟ୍ଟନାୟକ ନିଲମ୍ବନ କରିଛନ୍ତି। ସେଥିଯୋଗୁ ଲୋକସଭା ଗୃହରେ ବିଜୁ ଜନତା ଦଳ ସାଂସଦମାନଙ୍କ ପାଇଁ ଚିହ୍ନିତ ଆସନଗୁଡ଼ିକରୁ ଶ୍ରୀ ପଣ୍ଡାଙ୍କ ଆସନକୁ ଅଲଗା କରି ସ୍ୱତନ୍ତ୍ର ଆସନ ଦେବା ବ୍ୟବସ୍ଥା କରାଯାଉ। ସେହିପରି ସଂସଦୀୟ ଗୃହ ବ୍ୟାପାର ଷ୍ଟାଣ୍ଡିଂ କମିଟି ସଦସ୍ୟ ପଦରୁ ମଧ୍ୟ ବୈଜୟନ୍ତଙ୍କୁ ଅବ୍ୟାହତି ଦିଆଯାଇ ବିଜେଡିର ଅନ୍ୟ ସାଂସଦଙ୍କୁ କମିଟିରେ ନେବା ଲାଗି ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଶ୍ରୀ ମହତାବ ଓ ଶ୍ରୀ ସତପଥୀ ପତ୍ର ଲେଖି ଲୋକସଭା ବାଚସ୍ପତିଙ୍କୁ ଜଣାଇଛନ୍ତି। ସୂଚନାଯୋଗ୍ୟ, ବିଜେଡିରୁ ପ୍ରଥମେ ରାଜ୍ୟସଭାକୁ ଓ ପରେ ଦୁଇଥର ଲୋକସଭାକୁ ଶ୍ରୀ ପଣ୍ଡା ପ୍ରତିନିଧିତ୍ୱ କରୁଥିଲେ। ୨୦୧୪ରେ କେନ୍ଦ୍ରାପଡ଼ା ଲୋକସଭା ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହେବା ପରେ ଲୋକସଭାର ଅର୍ଥ ବ୍ୟାପାର ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ହେବାକୁ ସେ ଦଳୀୟ ନେତୃତ୍ୱ ନିକଟରେ ଇଚ୍ଛା ପ୍ରକାଶ କରିଥିଲେ। ଯଦି ତାଙ୍କୁ ଏହି ପଦବୀ ପାଇଁ ମନୋନୀତ କରାଯାଏ, ତେବେ ସେ ଉପର **(ପୃଷ୍ଠା-୭)**

ରବିନାଙ୍କ ନାଁରେ ଏତଲା

ଭୁବନେଶ୍ୱର, ୬।୨ (ସକାଳ ଖବର):ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରରେ ବିଜ୍ଞାପନ ସୁଟିଂ କରିବା ବଲିଉଡ ଅଭିନେତ୍ରୀ ରବିନା ଟଣ୍ଡନଙ୍କୁ ମହଙ୍ଗା ପଡିଛି। ବିନା ଅନୁମତିରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ବିଜ୍ଞାପନ ସୁଟିଂ କରିଥିବା ଅଭିଯୋଗରେ ଶ୍ରୀଲିଙ୍ଗରାଜ ମନ୍ଦିର ପ୍ରଶାସନ ପକ୍ଷରୁ ଲିଙ୍ଗରାଜ ଥାନାରେ ରବିନାଙ୍କ ନାଁରେ ଏତଲା ଦିଆଯାଇଛି । କିପରି ଏବଂ କେଉଁ ପରିସ୍ଥିତିରେ ରବିନା ମୋବାଇଲ୍ ସହ ଯାଇ ମନ୍ଦିର ଭିତରେ ସୁଟିଂ କଲେ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। **(ପୃଷ୍ଠା-୭)**

ନିର୍ମଳ ଚିଟଫଣ୍ଡ ସଂସ୍ଥାର ୨ ମୁଖ୍ୟଙ୍କୁ ଗିରଫ କଲା ସିବିଆଇ

ଭୁବନେଶ୍ୱର,୬।୨ (ସକାଳ ଖବର): ନିର୍ମଳ ଇନଫ୍ରା ଚିଟଫଣ୍ଡ ସଂସ୍ଥାର ୨ ମୁଖ୍ୟଙ୍କୁ ସିବିଆଇ ଗିରଫ କରିଛି । ସେମାନେ ହେଲେ ସଂସ୍ଥାର ସିଏମଡି ଆଶିଷ ଚୌହ୍ୱାନ ଏବଂ ଜିଏମ୍ ଅଭିଷେକ ଚୌହ୍ୱାନ। ଏମାନଙ୍କ ବିରୋଧରେ ୪୩୩ କୋଟି ଟଙ୍କା ଠକେଇର ଅଭିଯୋଗ ଅଛି। ମଧ୍ୟପ୍ରଦେଶରୁ ଭୁବନେଶ୍ୱର ଆସିଥିବା ବେଳେ ସିବିଆଇ ସେମାନଙ୍କୁ ଗିରଫ କରିଥିଲା।

ଏକକ ରାଜସ୍ୱ ଆଇନ ପ୍ରଚଳନ ହେବ

- ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବାରେ ସହାୟକ ହେବ
- ୩୦ରୁ ଅଧିକ ରାଜସ୍ୱ ଆଇନ ସରଳୀକରଣ ହେବ



ଭୁବନେଶ୍ୱର,୬।୨ (ସକାଳ ଖବର): ପ୍ରଚଳିତ ରାଜସ୍ୱ ଆଇନର ବହୁଳତା ଯୋଗୁଁ ନ୍ୟାୟ ପ୍ରଦାନରେ ବିଳମ୍ବ ଘଟୁଥିବା ପରିପ୍ରେକ୍ଷୀରେ ଏହି ଆଇନଗୁଡ଼ିକର ସରଳୀକରଣ କରି ଏକକ ସାଧାରଣ ରାଜସ୍ୱ ଆଇନ କରିବା ଦିଗରେ ପଦକ୍ଷେପ ନିଆଯାଉଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ମହେଶ୍ୱର ମହାନ୍ତି କହିଛନ୍ତି । ବର୍ତ୍ତମାନ ପରିସ୍ଥିତିରେ ଅନେକଗୁଡ଼ିଏ ରାଜସ୍ୱ ଆଇନ ପ୍ରାସଙ୍ଗିକତା ହରାଇଥିବା ଯୋଗୁଁ ପ୍ରଚଳିତ ପ୍ରାୟ ୩୦ଟିରୁ ଅଧିକ ରାଜସ୍ୱ ଆଇନକୁ ସରଳୀକରଣ ଓ ପୁନର୍ବିନ୍ୟାସ କରାଯାଇ ବିଧିବଦ୍ଧ ଭାବରେ ଗୋଟିଏ ଲୋକାଭିମୁଖୀ ଆଇନ କରାଯାଇପାରିଲେ ରାଜସ୍ୱ ମାମଲାଗୁଡ଼ିକର ତ୍ୱରିତ ଫଇସଲା ହୋଇପାରିବ ଏବଂ ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବାରେ ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ମହାନ୍ତି ମତବ୍ୟକ୍ତ କରିଥିଲେ । ଏହି ପରିପେକ୍ଷୀରେ ମଙ୍ଗଳବାର ଦିନ ସଚିବାଳୟଠାରେ ମନ୍ତ୍ରୀ ଶ୍ରୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ଚନ୍ଦ୍ରଶେଖର କୁମାର, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ବିଭୂପ୍ରସାଦ ରାଉତରାୟଙ୍କ ସମେତ ବରିଷ୍ଠ ରାଜସ୍ୱ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ । ନୂତନ ଆଇନ ପ୍ରଣୟନ ନିମନ୍ତେ ତହସିଲଦାର, ରାଜସ୍ୱ ନିରୀକ୍ଷକ ଏବଂ ସାଧାରଣ ଜନତାଙ୍କଠାରୁ ମତାମତ ସଂଗ୍ରହ କରାଯାଇ ଆଗାମୀ ଛଅ ମାସ ମଧ୍ୟରେ ଏହାକୁ ଚୂଡ଼ାନ୍ତ ରୂପ ଦିଆଯିବ ବୋଲି ବୈଠକରେ ନିଷ୍ପତି ହୋଇଥିଲା । ମତାମତଗୁଡ଼ିକୁ ଅନ୍‌ଲାଇନ୍ ମାଧ୍ୟମରେ ସଂଗ୍ରହ କରାଯିବ ଏବଂ ମତାମତ ଜାଣିବା ପାଇଁ ଗୋଟିଏ ପ୍ରଶ୍ନାବଳୀ ପ୍ରସ୍ତୁତ କରାଯାଉଛି । ମତାମତ ସଂଗ୍ରହ ପରେ ଏହାକୁ ତର୍ଜମା କରି ନୂତନ ଏକକ ଆଇନ ପ୍ରସ୍ତୁତ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ମହାନ୍ତି ସୂଚନା ଦେଇଥିଲେ ।

ଦ୍ୱାର୍‌କାମାଇ ନିଜ ସନ୍ତାନକୁ ସବୁପ୍ରକାର ଅସୁବିଧା ଏବଂ ଚିନ୍ତାରୁ ଦୂର ରଖନ୍ତି ସବ୍‌କା ମାଲିକ୍ ଏକ୍ ।

ହୁଣ୍ଡିର ଆୟ (୬.୩.୧୮)
୨, ୩୭, ୦୧୨

ରାଜ୍ୟ ସଚିବାଳୟରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ଅବସରରେ ୱିପ୍ରୋ ଅଧ୍ୟକ୍ଷ ଅଜିମ୍ ପ୍ରେମ୍‌ଜୀ

୩ ବସ୍, ୩ ଟ୍ରକ୍ ପୋଡିଲେ ଜଣଙ୍କୁ ହତ୍ୟାକଲେ

ମାଓ ବର୍ବରତା

ମାଲାକନଗିରି,୬।୨ (ସକାଳ ଖବର): ସୋମବାର ରାତ୍ରରେ ମାଲକାନଗିରି ଜିଲ୍ଲାସୀମାନ୍ତ ଛତିଶଗଡ ଧରନାପାଲ ଠାରେ ଲାଲବାହିନୀ ଲାଲ୍ ତାଣ୍ଡବ ଘଟାଇଛନ୍ତି । ୩୦ନମ୍ବର ଜାତୀୟ ରାଜପଥ କୋଟାଂ ଧରନାପାଲ ମୁଖ୍ୟରାସ୍ତାରେ ଚଳାଚଳ କରୁଥିବା ତିନୋଟି ଯାତ୍ରୀବାହୀ ବସ୍ ସହିତ ୩ଟି ଟ୍ରକକୁ ନିଆଁଲଗାଇ ପୋଡିଦେବା ସହିତ ଜଣେ ବସ୍ ଯାତ୍ରୀଙ୍କୁ ନିର୍ମମ ଭାବେ ହତ୍ୟା କରିଛନ୍ତି ମାଓବାଦୀ । ହୋଲି ଉତ୍ସବ ଅବସରରେ ତେଲାଙ୍ଗାନା ଓ ଛତିଶଗଡ ରାଜ୍ୟ ସୀମାନ୍ତରେ ବିଜାପୁର ଅଂଚଳରେ ଗ୍ରେହାଉଣ୍ଡ ଜିଲ୍ଲାପୁଲିସଙ୍କ ମିଳିତ ଅପରେସନରେ ୧୦ରୁ ଉର୍ଦ୍ଧ୍ୱ ମାଓବାଦୀଙ୍କର ମୃତ୍ୟୁ ଘଟିଥିଲା । ଏହାର ପ୍ରତିଶୋଧ ନେବାପାଇଁ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ମାଓବାଦୀ ଗତକାଲି ରାତ୍ରରେ ଧରନାପାଲ କୋଟାଂ ରାସ୍ତା ମଝିରେ ଛକି ରହିଥିଲେ । ରାତି ପ୍ରାୟ ୯ଟା ସମୟରେ ସେହି ରାସ୍ତାଦେଇ ଜଗଦଲପୁର-ହାଇଦ୍ରାବାଦ, ବଇଲାଡିଲା-ହାଇଦ୍ରାବାଦକୁ ଚଳାଚଳ କରୁଥିବା ଆନ୍ଧ୍ର ଓ ଛତିଶଗଡ ରାଜ୍ୟ ସରକାରଙ୍କ ଦୁଇଟି ବସ୍ ଓ ମାଲକାନଗିରି ଠାରୁ ପ୍ରଥମଥର କରି ନୂତନଭାବେ ଉଦଘାଟିତ ହୋଇ ହାଇଦ୍ରାବାଦକୁ ଯାଉଥିବା ଶୀତତାପ ନିୟନ୍ତ୍ରୀତ ଏଆରଏମଟି ନାମକ ଘରୋଇ ବସ୍ କୁ ମାଓବାଦୀ ମାନେ ରାସ୍ତା ମଝିରେ ଅଟକାଇ ନିଆଁ ଲଗାଇ ଦେଇଥିଲେ। ପ୍ରଥମେ ସେମାନେ ଯାତ୍ରୀମାନଙ୍କୁ ବସ୍ ରୁ ତଳକୁ ଓହ୍ଲାଇ ଯିବାକୁ କହିଥିଲେ । ଯାତ୍ରୀମାନେ ବସ୍ ରୁ ଓହ୍ଲାଇବା ପରେ ମାଓବାଦୀମାନେ ବସ୍ ଗୁଡିକରେ ନିଆଁ ଲଗାଇ ଦେଇଥିଲେ । ଏପରିକି ବଇଲାଡିଲାରୁ ହାଇଦ୍ରାବାଦ ଯାଉଥିବା ବସ୍ ରୁ ଜଣେ ଯାତ୍ରୀକୁ ପୁଲିସ ସୂଚନାଦାତା କହି ବସ୍ ରୁ ଓହ୍ଲାଇ ଦେଇ ଗୁଳି କରି ହତ୍ୟା କରିଥିଲେ । ଏହା ବ୍ୟତିତି ସେହି ରାସ୍ତାରେ ଯାଉଥିବା ୩ଟି ଟ୍ରକରେ ମଧ୍ୟ ନିଆଁ ଲଗାଇ ପୋଡି ଦେଇଛନ୍ତି । ଏହି ଲୋମହର୍ଷକାରି ଘଟଣା ଦେଖି ବସ୍ ର ସମସ୍ତ ଯାତ୍ରୀ ଭୟଭିତ ହୋଇ ପଡିଥିଲେ । ମାଓବାଦୀ ମାନେ ପ୍ରାୟ ଦୁଇଘଂଟା ଧରି ପୋଡା ଜଳା କରୁଥିଲେ ମଧ୍ୟ ଘଟଣାସ୍ଥଳ ଠାରୁ ମାତ୍ର ଏକ କି.ମି.ଦୂର ଧରନାପାଲ ଠାରେ ଥିବା ପୁଲିସ କ୍ୟାମ୍ପରୁ କୌଣସି ପୁଲିସ ସେଠାରେ ପହଁଚି ପାରିନଥିଲେ । ମାଓବାଦୀ ମାନେ ପୋଡା ଜଳା ହତ୍ୟାକାଣ୍ଡ ଭିଆଇ ସେଠାରେ ପୁଲିସ ବିରୋଧରେ ଲେଖାଥିବା ବ୍ୟାନର ଲଗାଇ ପଳାଇଥିଲେ । ମାଓବାଦୀ ମାନେ ପଳାଇଗଲା ପରେ ବସ୍ ଯାତ୍ରୀମାନଙ୍କୁ ନିକଟସ୍ଥ ଗ୍ରାମବାସୀ ମାନେ **(ପୃଷ୍ଠା-୭)**

Printed, Published & Owned by Amit Kumar Mallick, Printed at Press Wing, D-2/19 Sector, Sector-A, Zone-D, Mancheswar Industrial Estate, BBSR-751010, City Office, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com
Editor - Amit Kumar Mallick